# NATIONAL NEWS BULLETIN (ODIA)

## 14 March - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଆସାମକୁ ଆଜିଠାରୁ ତିନି ଦିନିଆ ଗସ୍ତରେ ଯିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।
- ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ଉତ୍ତର-ପୂର୍ବ ହେଉଛି ଭାରତର ପ୍ରମୁଖ ଅଞ୍ଚଳ, କହିଲେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ।
- ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ଉପଗ୍ରହ ପ୍ରକ୍ଷେପଣ ମାଧ୍ୟମରେ ସଂଗ୍ରହ କରିଛି ୧୪୩ ମିଲିୟନ୍ ଆମେରିକୀୟ ଡଲାର୍‌ର ବୈଦେଶିକ ମୁଦ୍ରା ।
- ଟ୍ରେନ୍ ଅପହରଣ ମାମଲାରେ ଭାରତର ସମ୍ପୃକ୍ତି ନେଇ ପାକିସ୍ତାନର ଅଭିଯୋଗକୁ ଖଣ୍ଡନକଲା ବୈଦେଶିକ ମନ୍ତ୍ରଣାଳୟ ।

ଏବଂ

- ବିଶ୍ୱ ସମୁଦ୍ର ସ୍ତର ଆଶାତିତ ଭାବେ ବୃଦ୍ଧି ପାଉଛି ବୋଲି ଉଦ୍‌ବେଗ ପ୍ରକାଶ କଲା ନାସା ।

# ଅମିତ ଶାହା-ଆସାମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସନ୍ଧ୍ୟାରେ ଆସାମକୁ ତିନି ଦିନିଆ ଗସ୍ତରେ ଯିବେ । ସେଠାରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି । ଜୋରହାଟ ବିମାନ ବନ୍ଦରରେ ପହଞ୍ଚିବା ପରେ ଶ୍ରୀ ଶାହା ଗୁଲାଘାଟ ଅଭିମୁଖେ ଯାତ୍ରା କରିବେ ଏବଂ ଦେର୍‌ଗାଓଁର ଲଚିତ ବାରଫୁକାନ ପୁଲିସ୍ ଏକାଡେମୀରେ ରାତ୍ରୀ ଯାପନ କରିବେ ।

ଆସନ୍ତାକାଲି ସକାଳେ ଶ୍ରୀ ଶାହା ମିଜୋରାମ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅତ୍ୟାଧୁନିକ ପୁଲିସ୍ ଏକାଡେମୀର ଉଦ୍‌ଘାଟନ କରିବେ । ଅପରାହ୍ଣରେ ସେ ଆଇଜୋଲ୍‌ରେ ଆସାମ ରାଇଫଲ ପ୍ରତିଷ୍ଠାନ ଗୁଡ଼ିକୁ ଜୋଖାଓ୍ୱାସଙ୍ଗକୁ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ଶ୍ରୀ ଶାହା ଗୌହାଟୀରେ ରାତ୍ରୀ ଯାପନ କରିବେ ।

ରବିବାର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କୋକ୍ରାଝର ଜିଲ୍ଲାର ଡୋଟମା ଠାରେ ବୋଡୋ ଛାତ୍ର ସଂସଦର ୫୭ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରିବେ । ନୂଆଦିଲ୍ଲୀ ଫେରିବା ପୂର୍ବରୁ ଶ୍ରୀ ଶାହା ସେହିଦିନ ଉତ୍ତର ପୂର୍ବ ରାଜ୍ୟ ଗୁଡ଼ିକର ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିବେ ।

# ନର୍ଥଇଷ୍ଟ-ସାଫ୍ରନ୍ ହବ୍

କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ପାଇଁ ଉତ୍ତର-ପୂର୍ବ ହେଉଛି ଭାରତର ଏକ ପ୍ରମୁଖ ଅଞ୍ଚଳ । ଏହି ଅଞ୍ଚଳ ଦେଶର ପରବର୍ତ୍ତି କେଶର ଉତ୍ପାଦନ କେନ୍ଦ୍ର ହେବ ବୋଲି ଶ୍ରୀ ସିଂହ କହିଛନ୍ତି । ଡକ୍ଟର ସିଂହ କହିଛନ୍ତି, ସରକାରଙ୍କ 'ମିଶନ୍ ସାଫ୍ରନ୍' ପଦକ୍ଷେପ ୨୦୨୧ ମସିହାରୁ ସିକ୍କିମ୍, ଅରୁଣାଚଳ ପ୍ରଦେଶ ଏବଂ ମେଘାଳୟରେ କେଶର ଚାଷକୁ ସମ୍ପ୍ରସାରିତ କରିଛି । ଏହି ମହତ୍ତ୍ୱାକାଂକ୍ଷି ଯୋଜନା ପାଇଁ କେନ୍ଦ୍ର ମନ୍ତ୍ରୀ ସିଲଙ୍ଗ୍‌ର 'ନର୍ଥ ଇଷ୍ଟ ସେଣ୍ଟର ଫର୍ ଟେକ୍ନୋଲୋଜି' ଆପ୍ଲିକେସନ୍ ଆଣ୍ଡ ରିଚ୍ – ଏନ୍.ଇ.ସି.ଟି.ଏ.ଆର୍.ର ନୂତନ ସ୍ଥାୟୀ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଡକ୍ଟର ସିଂହ କହିଛନ୍ତି, ଅରୁଣାଚଳ ପ୍ରଦେଶର ମେନ୍‌ଚୁଖା ଏବଂ ସିକ୍କିମ୍‌ର ୟୁକ୍‌ସୋମ୍‌ରେ ବ୍ୟାପକ ମାତ୍ରାରେ କେଶର ଚାଷ କରାଯାଉଥିବା ବେଳେ ନାଗାଲାଣ୍ଡ ଏବଂ ମଣିପୁର ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରଣ କରାଯିବାର ଯୋଜନା ହୋଇଛି । ଜାମ୍ମୁ କାଶ୍ମୀରର ପାମ୍ପୋର ପରେ ଏହା ଉତ୍ତର ପୂର୍ବ ଅଞ୍ଚଳକୁ ଭାରତର ପରବର୍ତ୍ତି କେନ୍ଦ୍ର ଭାବେ ପରିଣତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

# ଇସ୍ରୋ-ରେଭିନ୍ୟୁ

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ଉପଗ୍ରହ ପ୍ରକ୍ଷେପଣ ମାଧ୍ୟମରେ ପାଖାପାଖି ୧୪୩ ମିଲିୟନ୍ ଆମେରିକୀୟ ଡଲାର୍‌ର ବୈଦେଶିକ ମୁଦ୍ରା ରାଜସ୍ୱ ସଂଗ୍ରହ କରିଛି । ମହାକାଶ ବିଭାଗ କହିଛି, ଗତ ଦଶନ୍ଧି ମଧ୍ୟରେ ଇସ୍ରୋ ବାଣିଜ୍ୟିକ ଭିତ୍ତିରେ ମୋଟ୍ ୩୯୩ଟି ବିଦେଶୀ ଉପଗ୍ରହ ଏବଂ ତିନୋଟି ଭାରତୀୟ ଗ୍ରାହକ ଉପଗ୍ରହର ସଫଳ ପ୍ରକ୍ଷେପଣ କରିଛି । ଜାନୁଆରୀ ୨୦୧୫ରୁ ଡିସେମ୍ବର ୨୦୨୪ ମଧ୍ୟରେ ଏହି ଉପଗ୍ରହ ଗୁଡ଼ିକୁ ଇସ୍ରୋର ପି.ଏସ୍.ଏଲ୍.ଭି., ଏଲ୍.ଭି.ଏମ୍.ଥ୍ରୀ ଏବଂ ଏସ୍.ଏସ୍.ଏଲ୍.ଭି. ପ୍ରକ୍ଷେପଣ ଯାନ ମାଧ୍ୟମରେ ସଫଳତାର ସହ ଉତ୍କ୍ଷେପଣ କରାଯାଇଥିଲା । ବିଶ୍ୱର ୩୪ଟି ଦେଶ ପାଇଁ ଇସ୍ରୋ ଉପଗ୍ରହ ପ୍ରକ୍ଷେପଣ କରିଛି, ଯେଉଁଥିରେ ଯୁକ୍ତରାଜ୍ୟ, ୟୁନାଇଟେଡ୍ କିଙ୍ଗଡମ୍, ସିଙ୍ଗାପୁର ଏବଂ ଅନ୍ୟ ବିକଶିତ ଦେଶ ରହିଛନ୍ତି ।

# ଫୋରେକ୍ସ-ରିଜର୍ଭସ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ମୁଦ୍ରା ସ୍ୱାପ୍ କାର୍ଯ୍ୟ ଦ୍ୱାରା ଚଳିତ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୧୫ ଦଶମିକ୍ ୨/୬ ବିଲିୟନ୍ ଡଲାର୍ ବୃଦ୍ଧି ପାଇ ୬୫୩ ଦଶମିକ୍ ୯/୬ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ଆର୍.ବି.ଆଇ. ଦ୍ୱାରା ପ୍ରକାଶିତ ସାପ୍ତାହିକ ପରିସଂଖ୍ୟାନ

ରିପୋର୍ଟ ଅନୁସାରେ  ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ପ୍ରମୁଖ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି ୧୩ ଦଶମିକ୍ ୯/୩ ବିଲିୟନ୍ ଡଲାର୍‌ରୁ ଅଧିକ ବୃଦ୍ଧି ପାଇ ୫୫୭ ଦଶମିକ ୨/୮ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ସେହିପରି ଗତ ସପ୍ତାହରେ ସୁନା ଭଣ୍ଡାର ଏକ ବିଲିୟନ୍ ଡଲାର୍ ବୃଦ୍ଧି ପାଇ ୭୪ ଦଶମିକ୍ ୩/୨ ବିଲିୟନ୍ ଡଲାର୍‌ରୁ ଅଧିକ ହୋଇଛି । ଏତଦ୍‌ବ୍ୟତୀତ ସ୍ୱତନ୍ତ୍ର ଡ୍ରଇଂ ରାଇଟସ୍ ୨୧୨ ନିୟୁତ୍ ଡଲାର୍ ବୃଦ୍ଧି ପାଇ ୧୮ ଦଶମିକ୍ ୨/୧ ବିଲିୟନ୍ ଡଲାର୍‌ରେ ପହଞ୍ଚିବା ସହ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରେ କେନ୍ଦ୍ରୀୟ ବ୍ୟାଙ୍କ୍‌ର ସ୍ଥିତି ୬୯ ନିୟୁତ ଡଲାର୍ ବୃଦ୍ଧି ପାଇ ୪ ଦଶମିକ ୧/୪ ବିଲିୟନ୍ ଡଲାରରୁ ଅଧିକ ହୋଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସୂଚନା ଦେଇଛି ।

## ଆରବିଆଇ

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସକୁ ଗୁରୁତ୍ୱ ଦେଇ ଭାରତ ନବୀକରଣଯୋଗ୍ୟ ଶକ୍ତି ପ୍ରକଳ୍ପଗୁଡ଼ିକରେ ପୁଞ୍ଜି ନିବେଶ କରୁଛି ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ଏହାର ପ୍ରଭାବ ଏବଂ ପାଣି ସମ୍ବନ୍ଧୀୟ କର୍ମଶାଳାକୁ ସମ୍ବୋଧିତ କରି ଶ୍ରୀ ମାଲହୋତ୍ରା କହିଛନ୍ତି, ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକ ଏ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରୁଥିବା ବେଳେ ଏବେ ଏହାକୁ ବିକାଶର ଲକ୍ଷ୍ୟ ଭାବେ ଧାର୍ଯ୍ୟ

କରିଛନ୍ତି । ଏହି ଅବସରରେ ସେ ବିଭିନ୍ନ ପ୍ରକାର ଅଣପାରମ୍ପରିକ ଶକ୍ତି ଉତ୍ସ ତଥା ମାଇକ୍ରୋ ପ୍ରକଳ୍ପ ଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଥିବା କହିଛନ୍ତି ।

## ନଡ୍ଡା-ରେଖା ହୋଲି

ବିଜେପି ଅଧ୍ୟକ୍ଷ ତଥା କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଆଜି ନୂଆଦିଲ୍ଲୀ ସ୍ଥିତ ତାଙ୍କ ବାସଭବନରେ ହୋଲି ପର୍ବ ପାଳନ କରିଛନ୍ତି । ଏହି ଅବସରରେ ଦଳୀୟ କର୍ମୀ ଏବଂ ଅନ୍ୟମାନେ ତାଙ୍କ ସହିତ ଯୋଗଦେଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ ।  ଦିଲ୍ଲୀ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ହୋଲି ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଏହି ଶୁଭେଚ୍ଛା ଜଣାଇଛନ୍ତି ।

ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ହୋଲି ଉପଲକ୍ଷେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ଶ୍ରୀମତୀ ଗୁପ୍ତା କହିଛନ୍ତି, ଏହି ପର୍ବ କେବଳ ରଙ୍ଗର ଉତ୍ସବ ନୁହେଁ ବରଂ ଏହା ଅସତ୍ୟ ଉପରେ ସତ୍ୟର ବିଜୟ ଅଟେ । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ

ସୁଖ, ପ୍ରେମ ଏବଂ ସୌହାର୍ଦ୍ଦ୍ୟ ଭରିଦେଉ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି ।

## ଗୋୟଲ୍-ୟୁଏସ୍ ଟ୍ରେଡ୍

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଏକ ପାରସ୍ପରିକ ଲାଭ ଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ତାଙ୍କର ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜାମିସନ୍ ଗ୍ରିୟର୍‌ଙ୍କ ସହ ଏକ ସଫଳ ଆଲୋଚନା ହୋଇଛି । ଏକ ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ସରକାରଙ୍କ ଆଭିମୁଖ୍ୟ ଇଣ୍ଡିଆ ଫାଷ୍ଟ୍, ବିକଶିତ ଭାରତ ଏବଂ ବ୍ୟାପକ ରଣନୈତିକ ସହଭାଗିତା ଦ୍ୱାରା ପରିଚାଳିତ ହେବ ।

ସୂଚନା ଯୋଗ୍ୟ ଗତ ସପ୍ତାହରେ ଶ୍ରୀ ଗୋୟଲ ଓ୍ୱାଶିଂଟନ୍ ଗସ୍ତ ଅବସରରେ ତାଙ୍କର ଆମେରିକୀୟ ପ୍ରତିପକ୍ଷଙ୍କ ସହ ବାଣିଜ୍ୟ ଆଲୋଚନା କରିଥିଲେ । ଭାରତ ଏବଂ ଆମେରିକା ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିବାକୁ ଯୋଜନା କରୁଥିବାରୁ ଏହି ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

## ଏମ୍‌ଇଏ-ପାକ୍ ଟ୍ରେନ୍

ଟ୍ରେନ୍ ଅପହରଣ ମାମଲାରେ ଭାରତର ସଂପୃକ୍ତି ନେଇ ପାକିସ୍ତାନର ଅଭିଯୋଗକୁ ବୈଦେଶିକ ମନ୍ତ୍ରଣାଳୟ ଖଣ୍ଡନ କରିଛି । ପାକିସ୍ତାନ ପକ୍ଷରୁ ଜାରି ଏକ ବିବୃତ୍ତିର ଜବାବରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧିର ଜୟସ୍ୱାଲ୍ କହିଛନ୍ତି, ପାକିସ୍ତାନର ଭିତ୍ତିହୀନ ଅଭିଯୋଗକୁ ନୂଆଦିଲ୍ଲୀ ଦୃଢ଼ତାର ସହ ଖଣ୍ଡନ କରୁଛି । ସେ କହିଛନ୍ତି, ସମଗ୍ର ବିଶ୍ୱ ଜାଣେ, ଆନ୍ତର୍ଜାତିକ ଆତଙ୍କବାଦର କେନ୍ଦ୍ରସ୍ଥଳ କେଉଁଠାରେ ରହିଛି । ପାକିସ୍ତାନ ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଆଭ୍ୟନ୍ତରିଣ ସମସ୍ୟା ଓ ବିଫଳତାକୁ ସମୀକ୍ଷା କରୁ ବୋଲି ଶ୍ରୀ ଜୟସ୍ୱାଲ୍ କହିଛନ୍ତି ।

## ନାସା-ଗ୍ଲୋବାଲ୍ ସି

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା କହିଛି, ୨୦୨୪ରେ ବିଶ୍ୱ ସମୁଦ୍ରସ୍ତର ଆଶାତିତ ଭାବେ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ନାସାର ରିପୋର୍ଟ ଅନୁସାରେ ଗତବର୍ଷ ସମୁଦ୍ର ସ୍ତରରେ ହାରାହାରି ୦ ଦଶମିକ୍ ୫/୯ ସେଣ୍ଟିମିଟରରେ ପହଞ୍ଚିଛି । ଯାହାକି ଆଶା କରାଯାଉଥିବା ୦ ଦଶମିକ୍ ୪/୩ ସେଣ୍ଟିମିଟରକୁ ଅତିକ୍ରମ କରିଛି । ସମୁଦ୍ର ସ୍ତରରେ ଏହି ବୃଦ୍ଧି ମୁଖ୍ୟତଃ ସମୁଦ୍ର ଜଳର ଉଷ୍ମତା ପାଇଁ ହୋଇଛି

ବୋଲି ନାସା କହିଛି । ହିମବାହ ଏବଂ ବରଫ ଚାଦରରୁ ଅତିରିକ୍ତ ତରଳୁଥିବା ଜଳ ବିସ୍ତାରିତ ହୋଇ ଜଳସ୍ତରରେ ବୃଦ୍ଧି ଘଟିଛି ।

ନାସାର ସମୁଦ୍ର ସ୍ତର ଗବେଷକ ଜୋଷ୍ ୱିଲିସ୍ କହିଛନ୍ତି, ୨୦୨୪ରେ ତାପଜ ବିସ୍ତାର ସମୁଦ୍ର ସ୍ତର ବୃଦ୍ଧିର ଦୁଇ ତୃତୀୟାଂଶରେ ଅବଦାନ ଦେଇଥିଲା । ନାସା କହିଛି, ୨୦୨୪ ସବୁଠାରୁ ଉଷ୍ଣ ବର୍ଷ ଭାବେ ରେକର୍ଡ କରିଛି । ପୃଥିବୀର ମହାସାଗରଗୁଡ଼ିକ ତିନି ଦଶନ୍ଧି ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ୧୯୯୩ରେ ଉପଗ୍ରହ ଦ୍ୱାରା ସମୁଦ୍ର ସ୍ତର ମପା ଯିବା ପରଠାରୁ ବିଶ୍ୱ ସମୁଦ୍ରସ୍ତର ୧୦ ସେଣ୍ଟିମିଟର ବୃଦ୍ଧି ପାଇଛି । ଏହାର ବୃଦ୍ଧି ହାର ୨ ଗୁଣରୁ ଅଧିକ ହୋଇଛି ବୋଲି ନାସା କହିଛି ।

## ଆଇଏମ୍ଡି-ହିଟ୍ ୱେଭ୍

ଆଗାମୀ ୩ ଦିନ ମଧ୍ୟରେ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ଲହରି ପ୍ରବାହର ସମ୍ଭାବନା ରହିଛି । ପୂର୍ବ ଭାରତରେ ସର୍ବାଧିକ ତାପମାତ୍ରା ଧୀରେ ଧୀରେ ପ୍ରାୟ ୨ରୁ ୩ ଡିଗ୍ରୀ ସେଲ୍ସିୟସ୍ ବୃଦ୍ଧି ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି.) କହିଛି ।

ଆସନ୍ତା ଦୁଇ ଦିନ ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ବିଦର୍ଭ, ଗାଙ୍ଗେୟ ପଶ୍ଚିମବଙ୍ଗ, ତେଲଙ୍ଗାନା ଏବଂ ଆନ୍ଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ନେଇ ଆଇ.ଏମ୍.ଡି. ପୂର୍ବାନୁମାନ କରିଛି ।

## ବ୍ୟାଡ୍‌ମିଣ୍ଟନ୍

ଇଂଲଣ୍ଡର ବର୍ମିଙ୍ଗ୍‌ହାମ୍‌ଠାରେ ଖେଳାଯାଉଥିବା ଅଲ୍ ଇଂଲଣ୍ଡ ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରେ ଭାରତର ଲକ୍ଷ୍ୟ ସେନ୍ ଚୀନ୍‌ର ଲି ସି ଫେଙ୍ଗ୍‌ଙ୍କ ଠାରୁ ସିଧାସଳଖ ୧୦-୨୧ ଓ ୧୬-୨୧ ସେଟ୍‌ରେ ପରାସ୍ତ ହୋଇଛନ୍ତି ।

ଅନ୍ୟ ମ୍ୟାଚ୍ ଗୁଡ଼ିକରେ ମହିଳା ଡବଲସ୍‌ରେ ଭାରତୀୟ ଯୋଡ଼ି ତ୍ରିସା ଜୋଲି ଏବଂ ଗାୟତ୍ରୀ ଗୋପିଚାନ୍ଦ ଆଜି ସନ୍ଧ୍ୟାରେ ଚୀନ୍‌ର ଲିଉ ସେଙ୍ଗାସୁ ଏବଂ ତାନ୍ ନିଙ୍ଗ୍ ଯୋଡ଼ିକୁ କ୍ୱାର୍ଟର ଫାଇନାଲ୍‌ରେ ଭେଟିବେ ।

ପୂର୍ବରୁ ପି.ଭି. ସିନ୍ଧୁ, ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟୀଙ୍କ ଭଳି ଖେଳାଳି ପ୍ରତିଯୋଗିତାରୁ ବିଦାୟ ନେଇ ସାରିଛନ୍ତି ।